**OFFICE OF THE MUNICIPAL COUNCIL: BALANGIR**
Address: - Office of the Municipal Council Balangir, Opp. Of Rajendra park Balangir, Pin: -767001,
Ph No.: - 06652 232720, Email ID:- bgrmc1972@gmail.com

Letter No 2986 // Date. 1/8/2024//

## ଅଭିବ୍ୟକ୍ତି ପ୍ରକାଶନ

ଏତଦ୍ ଦ୍ୱାରା ବଲାଙ୍ଗିର ପୌରପରିଷଦ ର ସମସ୍ତ ୱାର୍ଡ ର ମିଶନ ଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଗଠନ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଛି ଯେ, ବଲାଙ୍ଗିର ପୌର ପରିଷଦ ଅଧିନରେ ଥିବା ନିମ୍ନ ଲିଖିତ ପାର୍କ ଗୁଡିକର ପୁନଃ ନବୀକରଣ କରିବାପାଇଁ ଆବଶ୍ୟକ ହେଉଥିବା ସମସ୍ତ ପ୍ରକାର ମରାମତି ଏବଂ ଏହାର ରକ୍ଷଣାବେକ୍ଷଣ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏଥିପାଇଁ ଇଛୁକ ମିଶନ ଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଗଠନ ତା.୦୧.୦୮.୨୦୨୪ ଠାରୁ ତା.୧୪.୦୮.୨୦୨୪ ରିଖ ମଧ୍ୟରେ ଆବେଦନ କରିବାପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ମିଶନ ଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଗଠନ କେବଳ ନିଜ ୱାର୍ଡ ପାଇଁ ଏଥି ନିମନ୍ତେ ତା. ୧୪.୦୮.୨୦୨୪ ଅପରାହ୍ନ ୫ ଟା ସୁଦ୍ଧା ଆବଶ୍ୟକୀୟ କାଗଜପତ୍ର / ଦସ୍ତାବିଜ ନିର୍ଦ୍ଧାରିତ ଆବେଦନ ପତ୍ର ରେ ପୂରଣ କରି ରେଜେଷ୍ଟ୍ରି ପୋଷ୍ଟ / ସ୍ପୀଡ୍ ପୋଷ୍ଟ / କୋରିୟର କିମ୍ବା ପୌର ପରିଷଦରେ ଥିବା ଟେଣ୍ଡର ବାକ୍ସ ରେ ଦରଖାସ୍ତ ଦାଖଲ କରନ୍ତୁ । ଧାର୍ଯ୍ୟ ସମୟ ପରେ କୌଣସି ଆବେଦନପତ୍ର ଗ୍ରହଣ କରାଯିବ ନାହିଁ । ଆସନ୍ତା ତା.୧୬.୦୮.୨୦୨୪ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ମିଶନଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଗଠନ କିମ୍ବା ସେମାନଙ୍କ ପ୍ରତିନିଧି ଙ୍କ ଉପସ୍ଥିତିରେ ନିମ୍ନ ସାକ୍ଷରକାରୀ ଙ୍କ କାର୍ଯ୍ୟାଳୟରେ ଦରଖାସ୍ତ ଖୋଲାଯିବା ପାଇଁ ସ୍ଥିର କାରାଯାଇଅଛି । ଲଫାପା ର ଉପରେ "ପାର୍କ ଗୁଡିକର ପୁନଃ ନବୀକରଣ କରିବାପାଇଁ ଆବଶ୍ୟକ ହେଉଥିବା ସମସ୍ତ ପ୍ରକାର ମରାମତି ଏବଂ ଏହାର ରକ୍ଷଣାବେକ୍ଷଣ ପାଇଁ ଆବେଦନ " ଲେଖାଥିବା ଆବଶ୍ୟକ । ଅଧିକ ଜାଣିବାପାଇଁ ବଲାଙ୍ଗିର ପରିଷଦର ର CO / ମୁକ୍ତା ପ୍ରକୋଷ୍ଠ ସହିତ ଯୋଗାଯୋଗ କରନ୍ତୁ । ଆବେଦନ ପାଇଁ ନିର୍ଦ୍ଧାରିତ ଆବେଦନ ପତ୍ର ସଂଲଗନ୍ନ କରାଗଲା ।

**ପୌର ପରିଷଦ ଅଧିନରେ ଥିବା ପାର୍କ ଗୁଡିକ ର ପୁନଃ ନବୀକରଣ ତାଲିକା :-**

| କ୍ର. ସଂଖ୍ୟା | ୱାର୍ଡ ନମ୍ବର | ପାର୍କ ର ଅବସ୍ଥିତି |
|---|---|---|
| ୧. | ୧ | ସାଧିନ ନଗର ସ୍ଥିତ ଆମର ବଲାଙ୍ଗିର ପାର୍କ |
| ୨. | ୨ | କୋଶଳ ନଗର ସ୍ଥିତ ପାର୍କ |
| ୩. | ୭ | ହାଟପଦା ପଡା ସ୍ଥିତ ପାର୍କ |
| ୪. | ୮ | ରାଜେନ୍ଦ୍ର ପାର୍କ |
| ୫. | ୮ | କରଙ୍ଗାକଟା ପାର୍କ |
| ୬. | ୯ | ଗାନ୍ଧୀ ପାର୍କ |
| ୭. | ୧୦ | ଚମାର ପଡା ମିନି ପାର୍କ, ଗେଟସରୋବର ପଡା ମିନି ପାର୍କ |
| ୮. | ୧୭ | ବିଷ୍ଣୁମୁଣ୍ଡା ପାର୍କ |
| ୯. | ୧୮ | ୧. ତୁଲସୀନଗର ଭେଷଜ ମହାବିଦ୍ୟାଳୟ ପାର୍ଶ୍ୱ ପାର୍କ. ୨- ସ୍ମାର୍ଟ ପାର୍କ |
| ୧୦. | ୧୯ | ୧.ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ୨-ଜୋଗର୍ସ ପାର୍କ, ୩-ଆଇଲଭ ବଲାଙ୍ଗିର |
| ୧୧. | ୨୧ | ଉପ-ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖ ପାର୍କ, ପଠାଣ ପଡା ମିନି ପାର୍କ, ଡେମ ପଡା ମିନି ପାର୍କ |

Memo No............................ /Dt........................

Copy to I&PR Department Odisha, Bhubaneswar for information and necessary action. They are requested to Publish the EOI for one day in Two daily Odia News Paper in all Odisha Publication in minimum size.

କାର୍ଯ୍ୟ ନିର୍ବାହୀ ଅଧିକାରୀ,
ବଲାଙ୍ଗିର ପୌରପାଳିକା

**ମିଶନଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଗଠନ ର ଯୋଗ୍ୟତା ପରିମାପକ ମାନଦଣ୍ଡ**

୧. ଆବେଦନ କରିଥିବା ମିଶନଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଗଠନ ବଲାଙ୍ଗିର, ପୌର ପରିଷଦ ରେ ପଞ୍ଜିକୃତ ହୋଇଥିବେ ।

୨. ପଂଚ ସୂତ୍ର ନିୟମକୁ ଅନୁପାଳନ କରୁଥିବେ (ନିୟମିତ ବୈଠକ, ନିୟମିତ ସଂଚୟ, ନିୟମିତ ଗୋଷ୍ଠୀ ମଧ୍ୟରେ ଋଣକାରବାର, ନିୟମିତ ପରିଶୋଧ, ନିୟମିତ ହିସାବ ରଖିବା ଇତ୍ୟାଦି )

୩. ମିଶନଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଗଠନ PAN Card ଥିବ ।

୪. ଗୋଷ୍ଠୀ / ସଂଘର ସକ୍ରିୟ ଜମାଖାତ ଥିବ ।

୫. କୌଣସି ଅର୍ଥିକ ଅନିୟମିତତା କିମ୍ବା ବ୍ୟାଙ୍କ୍ ଖିଲାପି ନଥିବେ ।

୬. ଗୋଷ୍ଠୀ / ସଂଘ ଗୋଟିଏ ଆର୍ଥିକ ବର୍ଷରେ ୪୦ ଲକ୍ଷ ରୁ ଅଧିକ କାର୍ଯ୍ୟ କରିନଥିବେ ।

୭. ଗୋଷ୍ଠୀ / ସଂଘ ଆର୍ଥିକ ବର୍ଷରେ ୨.୫ ଲକ୍ଷ ରୁ ଅଧିକ ତଦାରଖ ରାଶି ଯଦି ପାଇଥିବେ ସେ ସରକାରଙ୍କ ଆୟକର ଦେୟ କରିଥିବେ ।

୮. ଗୋଷ୍ଠୀ / ସଂଘ ର ପଞ୍ଜିକରଣ ଅଭିବ୍ୟକ୍ତି ପ୍ରକାଶନ ର ତାରିଖ ପୂର୍ବରୁ ଏକ ବର୍ଷ ହୋଇଥିବ ।

(signature)
କାର୍ଯ୍ୟ ନିର୍ବାହୀ ଅଧିକାରୀ,
ବଲାଙ୍ଗିର ପୌରପାଳିକା

ପରି ପତ୍ର ସଂଖ୍ୟା : 2987 ତାରିଖ : 1.8.2024

ଏହାର ଏକକିତା ନକଲ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ବଲାଙ୍ଗିର ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ବିଜ୍ଞାପନ ଟି ୱାର୍ଡ ମାନଙ୍କ ର ସମସ୍ତ ମିଶନଶକ୍ତି ଗୋଷ୍ଠି / ଅଙ୍ଗନୱାଡୀ କେନ୍ଦ୍ର ମାନଙ୍କ ଦୃଷ୍ଟି କୁ ଆଣିବାକୁ ଅନୁରୋଧ ।

(signature)
କାର୍ଯ୍ୟ ନିର୍ବାହୀ ଅଧିକାରୀ,
ବଲାଙ୍ଗିର ପୌରପାଳିକା

ପରି ପତ୍ର ସଂଖ୍ୟା : 2988 ତାରିଖ : 1.8.2024

ଏହାର ଏକକିତା ୱାର୍ଡ ଅଧିକାରୀ / CMM/ ଗୋଷ୍ଠି ସଙ୍ଗଠିକା ବଲାଙ୍ଗିର ପୌରପାଳିକା ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ବିଜ୍ଞାପନ ଟି ସମସ୍ତ ୱାର୍ଡ ମାନଙ୍କ ର ମିଶନଶକ୍ତି ଗୋଷ୍ଠି / ବସ୍ତି ବାସିନ୍ଦା ସଂଗଠନ ମାନଙ୍କ ଦୃଷ୍ଟି ଗୋଚର ହେଲା ବୋଲି ପ୍ରାମାଣିକ ହସ୍ତାକ୍ଷର ସହ ଯୋଗାଇଦେବା କୁ ୱାର୍ଡ ଅଧିକାରୀ ମାନଙ୍କୁ ଅନୁରୋଧ ।

(signature)
କାର୍ଯ୍ୟ ନିର୍ବାହୀ ଅଧିକାରୀ,
ବଲାଙ୍ଗିର ପୌରପାଳିକା

ପରି ପତ୍ର ସଂଖ୍ୟା : 2989 ତାରିଖ : 1.8.2024

ଏହାର ଏକକିତା ନକଲ ଅଫିସ ନୋଟିସ ବୋର୍ଡ ରେ ସମସ୍ତ ଙ୍କ ଅବଗତି ନିମନ୍ତେ ପ୍ରକାଶନ କରାଗଲା ।

(signature)
କାର୍ଯ୍ୟ ନିର୍ବାହୀ ଅଧିକାରୀ,
ବଲାଙ୍ଗିର ପୌରପାଳିକା

ପରି ପତ୍ର ସଂଖ୍ୟା : 2990 ତାରିଖ : 1.8.2024

ଏହାର ଏକକିତା ନକଲ NIC, Balangir ଙ୍କ wwebsite ରେ upload କରିବା ନିମନ୍ତେ ପ୍ରେରଣ କରାଗଲା ।

(signature)
କାର୍ଯ୍ୟ ନିର୍ବାହୀ ଅଧିକାରୀ,
ବଲାଙ୍ଗିର ପୌରପାଳିକା